



### ହତ୍ୟାକାଣ୍ଡକୁ ନେଇ ଅନ୍ଧାରରେ ପୁଲିସ

# ଗଡୁଛି ବର୍ଷ; ଖୋଲୁନି ରହସ୍ୟ

ଭୁବନେଶ୍ୱର, ୨୬।୧୨(ସମିସ): ରାଜଧାନୀରେ ଘଟିଥିବା ଏକାଧିକ ହତ୍ୟା ଘଟଣା ଉପରୁ କମିସନରେଟ୍ ପୁଲିସ ପରଦା ଉଠାଇ ପାରୁନାହିଁ। ହତ୍ୟା ଅଭିଯୁକ୍ତମାନେ ଫେରାର ହୋଇ ବୁଲୁଥିବାବେଳେ ପୁଲିସ ସେମାନଙ୍କୁ ଧରିବାରେ ବିଫଳ ହୋଇଛି। ବିଭିନ୍ନ ହତ୍ୟା ମାମଲାରେ ତଦନ୍ତକାରୀ ଅଫିସର, ଥାନା ଅଧିକାରୀ, ଡିସିପି ଓ କମିସନରଙ୍କ ବଦଳି ହେଉଛି। ପୁରୁଣା ଯାଉଛନ୍ତି। ନୁଆ ଆସୁଛନ୍ତି। ହେଲେ ତଦନ୍ତ ଆଗକୁ

- **କାମ ଦେଉନି ପୋଷ୍ଟର ଫର୍ମୁଲା**
- **ଖୋଲାରେ ବୁଲୁଛନ୍ତି ହତ୍ୟା ଅଭିଯୁକ୍ତ**

ବଢ଼ିପାରୁନାହିଁ। ଏପରିକି ମୃତ ବ୍ୟକ୍ତିବିଶେଷଙ୍କ ପରିଚୟ ମିଳୁ ନ ଥିବାରୁ ପୁଲିସ କେବଳ ପୋଷ୍ଟର ମାରି କିଛିଦିନ ତତ୍ପରତା ଦେଖାଇ ଚୁପ୍ ବସୁଛି। ବିଗତ ବର୍ଷରେ ୪ରୁ ଊର୍ଦ୍ଧ୍ୱ ହତ୍ୟା ମାମଲାର ତଦନ୍ତ ଅଧାରେ ଅଟକିଛି। ଯାହାକୁ ନେଇ କମିଶନରେଟ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଯୁବକଙ୍କୁ ପଥରରେ ଛେଚି ହତ୍ୟା

ଗତ ସେପ୍ଟେମ୍ବର ୭ ତାରିଖରେ ମଞ୍ଚେଶ୍ୱର ରେଳ ଡବା କାରଖାନା ନିକଟରେ ଘଟିଥିବା ଜଘନ୍ୟ ହତ୍ୟାକାଣ୍ଡ। ଜଣେ ସମ୍ଭ୍ରାନ୍ତ ଶ୍ରେଣୀର ଯୁବକଙ୍କୁ ଦୁର୍ବୃତ୍ତମାନେ ପଥରରେ ଛେଚି ଛେଚି ହତ୍ୟା କଲେ। ତାଙ୍କ ହାତରେ ଥିବା ଦାମୀ ଘଣ୍ଟାରୁ ଜଣାପଡ଼ିଥିଲା ଯୁବକଙ୍କ ଜଣଙ୍କ ଅତ୍ୟନ୍ତ ସମ୍ଭ୍ରାନ୍ତ ପରିବାର ବ୍ୟକ୍ତି ବୋଲି। ହେଲେ ଏହି ହତ୍ୟା କାଣ୍ଡକୁ ପୁଲିସ ଅତ୍ୟନ୍ତ ହାଲୁକା ଭାବେ ନେଲା। ହତ୍ୟାକାରୀ କିମ୍ବା ମୃତକ କାହାର ବି ପରିଚୟ ଖୋଜି ପାଇଲାନି ପୁଲିସ। କେବଳ ପୋଷ୍ଟରରେ ତାଙ୍କ ଫଟୋ ମାରି ପୁଲିସ ନିଜର କାମ ଶେଷ କରିଦେଲା। ପୋଷ୍ଟର ବି କଥା କହିଲାନି। ପୁଲିସକୁ ୨ମାସ ମଧ୍ୟରେ ମୃତକଙ୍କ ପରିଚୟ ମିଳିପାରିଲା ନାହିଁ। ପରିଚୟ ଅପେକ୍ଷାରେ ରହିଛନ୍ତି ହତ୍ୟାର ଶିକାର ହୋଇଥିବା ବ୍ୟକ୍ତି। କେବଳ ଏହି ଘଟଣା ନୁହେଁ ରାଜଧାନୀରେ ଏଭଳି ଅନେକ ହତ୍ୟାକାଣ୍ଡର ରହସ୍ୟ ଖୋଜିବାରେ ପୁଲିସ ଫେଲ୍ ମାରିଛି।



### ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର

୨୦୧୨ ମେ ୨୭ ତାରିଖରେ ଚନ୍ଦକା ଥାନା ଗଙ୍ଗାପାଟଣା ପାହାଡ ତଳେ ଥିବା ଆମ୍ବତୋଟାରୁ ଜଣେ ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହକୁ ପୁଲିସ ଜବତ କରିଥିଲା। ମହିଳାଙ୍କୁ ଏକ ପଥରରେ ଛେଚି ଦୁର୍ବୃତ୍ତମାନେ ନିର୍ମମ ଭାବେ ହତ୍ୟା କରିଥିଲେ। କେବଳ ଏହି ଘଟଣା ନୁହେଁ ଏକାଧିକ ମାମଲାର ତଦନ୍ତ ଅଧା ରହିଛି। ଘଟଣାକୁ ୧୫ ବର୍ଷ ବିତିଯାଇଥିଲେ ମଧ୍ୟ ପୁଲିସ ଏଯାଏ ନା ମୃତା ମହିଳାଙ୍କ ପରିଚୟ ପାଇପାରିଲା, ଅବା ହତ୍ୟାକାରୀଙ୍କୁ ଠାବ କଲା। ମହିଳାଙ୍କୁ କିଏ ଓ କାହିଁକି ହତ୍ୟା କଲେ। ତାହା ରହସ୍ୟ ଘେରରେ ରହିଛି।

### କୁଆଖାଇ ପଠାରୁ ଗଳିତ ମୃତଦେହ ଉଦ୍ଧାର

୨୦୧୭ ଫେବୃୟାରୀ ୧ ତାରିଖରେ ମଞ୍ଚେଶ୍ୱର ଥାନା କୁଆଖାଇ ନଦୀପଠାରୁ ଜଣେ ଯୁବତୀଙ୍କ ଗଳିତ ମୃତଦେହକୁ ପୁଲିସ ଜବତ କରିଥିଲା। ବଳାତ୍କାର ପରେ ହତ୍ୟା କରାଯାଇଥିବା ସନ୍ଦେହ ହୋଇଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ ତାଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ହେଲେ ମୃତଦେହଟି ପଚିଯିବା ସହ ପାଣି ସଂସ୍ପର୍ଶରେ ଆସିଥିବାରୁ ବଳାତ୍କାର ନେଇ କିଛି ଜଣାପଡ଼ି ନ ଥିଲା। ଏହି ଘଟଣାକୁ ବହୁ ବର୍ଷ ବିତିଯାଇଥିଲେ ମଧ୍ୟ ହତ୍ୟାକାରୀଙ୍କୁ ଧରିବା ତ ଦୂରର କଥା ମୃତା ଯୁବତୀଙ୍କ ପରିଚୟ ଓ ଠିକଣା ବି ପୁଲିସ ପାଇପାରିଲା ନାହିଁ।

### ହୋଟେଲରୁ ମିଳିଥିଲା ଲକ୍ଷ୍ମୀପ୍ରିୟାଙ୍କ ମୃତଦେହ

୨୦୧୮ ଅଗଷ୍ଟ ୨୩ ତାରିଖରେ ମଞ୍ଚେଶ୍ୱର ଥାନା ନିକଟ ହୋଟେଲ। ହାଇୱେ ଇନ୍‌ରେ କାଇମାଟିଆ ଅଞ୍ଚଳର ଲକ୍ଷ୍ମୀପ୍ରିୟା ବିଶ୍ୱାଳଙ୍କୁ ତାଙ୍କ ପୁରୁଷ ବନ୍ଧୁ ଆଦିତ୍ୟ ମହାପାତ୍ର ଲୁହାଛଡ଼ରେ ପିଟିପିଟି ହତ୍ୟା କରିବା ପରେ ଫେରାର ହୋଇଯାଇଥିଲେ। ହୋଟେଲରେ ପୁଲିସ ପହଞ୍ଚି ରକ୍ତ ଜୁଡୁବୁଡୁ ମୃତଦେହକୁ ଜବତ କରିଥିଲା। ତେବେ କେଉଁ କାରଣ ପାଇଁ ଏହି ହତ୍ୟାକାଣ୍ଡ ଘଟିଥିଲା ତାହା ବି ଏଯାଏ ସ୍ପଷ୍ଟ ହେଲା ନାହିଁ। ଘଟଣାକୁ ୭ ବର୍ଷ ବିତିଯାଇଥିଲେ ମଧ୍ୟ ହତ୍ୟା ଅଭିଯୁକ୍ତଙ୍କୁ ପୁଲିସ ଧରି ନ ପାରି ହାତବାନ୍ଧି ବସିଛି।

## ଜେସିବି ଧକ୍କାରେ ଯୁବକ ମୃତ; ଚାଳକ ଗିରଫ

ହଂସପାଳ/ଭୁବନେଶ୍ୱର, ୨୬।୧୨ (ସମିସ): ବେପରୁଆ ଗାଡ଼ି ଚାଳନା କରି ଦୁର୍ଘଟଣା ଘଟେଇବା ଅଭିଯୋଗରେ ପାହାଳ ଥାନା ପୁଲିସ ଜେସିବି ଚାଳକ ତଥା ପୁରୀ ଜିଲ୍ଲା କଣାସ ଥାନା ବେଣାଗାଁର ବଳିଆ ମଙ୍ଗରାଜ(୨୧)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ମୃତକ ହେଲେ ଭୁବନାନନ୍ଦ ଦାସ।



ପୁଲିସ ସୂଚନା ମୁତାବକ, ଭୁବନାନନ୍ଦ ଗତ ୧୭ ତାରିଖ ରାତି ପ୍ରାୟ ସାଢ଼େ ସମୟରେ ମୋଟରସାଇକେଲ ଯୋଗେ ଅନନ୍ତପୁର ଗ୍ରାମରୁ ଜୋହାଲ ଅଭିମୁଖେ ଯାଉଥିଲେ। ଟିଭିଏସ ସୋ-ରୁମ୍ ଆଗରେ ବଳିଆ ଏକ ଜେସିବି ଚାଳନା କରି ଆସିବା ସହ ତାଙ୍କ ମୋଟରସାଇକେଲକୁ ପଛପାଖରୁ ଧକ୍କା ଦେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଜେସିବି ଧକାରେ ଭୁବନାନନ୍ଦ ରାସ୍ତା ଉପରେ ଛିଟିକି ପଡ଼ିବା ଯୋଗୁଁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନଖରାସ୍ଥିତ ସମ ହସ୍ପିଟାଲ-୨କୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ୪.୩୫ ସମୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ମାମୁ ବଳରାମ ଦାସ ପାହାଳ ଥାନାରେ ଅଭିଯୋଗ କରିଥିଲେ।

## ଆମ ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ଭୁବନେଶ୍ୱର, ୨୬।୧୨(ସମିସ): ଅନ୍ଧାରୁଆ ଚନ୍ଦକା ରାସ୍ତାରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ ଟା ବେଳେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଆମ ବସ୍ ଚଢ଼ାଇ ଦେବାରୁ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ ଘଟିଛି। ଚନ୍ଦକା ଥାନା ଅନ୍ଧାରୁଆ ନିକଟରେ ଡିଭାଇଡରରେ ପିଟିହୋଇ ଜଣେ ମୋଟରସାଇକଲ ଅପର ପାର୍ଶ୍ୱକୁ ଛିଟିକି ପଡ଼ିବା ବେଳେ ତାଙ୍କ ଉପରେ ଆମ ବସ ଚଢି ଯାଇଛି। ହେଲେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ପୁଲିସ ଯୁବକଙ୍କ ମୋଟରସାଇକଲ ନମ୍ବରକୁ ଯାଞ୍ଚ କରି ପରିଚୟ ଖୋଜୁଛି।

ମିଳିଥିବା ସୂଚନା ଅନୁସାରେ ଯୁବକ ଜଣକ ମୋଟରସାଇକଲ ଯୋଗେ ଭୁବନେଶ୍ୱରରୁ ଚନ୍ଦକା ଅଭିମୁଖେ ଯାଉଥିଲେ। ଯାଉଥିବା ସମୟରେ ଆଗରୁ ଆସୁଥିବା ଏକ ଗାଡି ଲାଇଟ ତାଙ୍କ ଆଖିରେ ପଡ଼ିବାରୁ ମୋଟରସାଇକଲ ଚାଳକ ଜଣକ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡରରେ ପିଟି ହୋଇଯାଇଥିଲେ। ଫଳରେ ମୋଟରସାଇକଲଟି ଡିଭାଇଡରରେ ଲାଖି ଯାଇଥିବା ବେଳେ ଚାଳକ ଜଣକ ରାସ୍ତାର ଅପର ପାର୍ଶ୍ୱକୁ ଛିଟିକି ପଡ଼ିଥିଲେ। ସେହି ସମୟରେ ଦ୍ରୁତ ଗତିରେ ଚନ୍ଦକାରୁ ଭୁବନେଶ୍ୱର ଆସୁଥିବା ଆମ ବସ ଅଟକି ନପାରି ଯୁବକଙ୍କ ଉପରେ ଚଢି ଯାଇଥିଲା। ଫଳରେ ଯୁବକଙ୍କ ମୁଣ୍ଡ ସମ୍ପୂର୍ଣ୍ଣ ଭାବେ ଗାଡି ଚକା ତଳକୁ ଚାଲିଆସିଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଚନ୍ଦକା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଦୁର୍ଘଟଣା ଘଟାଇଥିବା ଆମ ବସ ଓ ମୃତ ଯୁବକଙ୍କ ମୋଟରସାଇକଲକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ଦେଢ଼ବର୍ଷ ପରେ କାଞ୍ଜିଆରେ ପୁଣି ଚାଲିଲା ବୋଟ



ନନ୍ଦନକାନନ, ୨୬।୧୨(ସମିସ): ପ୍ରାୟ ଦେଢ଼ବର୍ଷ ହେଲା ନନ୍ଦନକାନନରେ ବନ୍ଦ ହୋଇ ରହିଥିବା ନୌକାବିହାର ସେବା (ବୋଟିଂ) ଆଜି ପୁନର୍ବାର ଆରମ୍ଭ ହୋଇଛି। ନନ୍ଦନକାନନ ତରଫରୁ

- **୪ ଜଣିଆ ବୋଟ୍‌କୁ ୧୦୦ ଟଙ୍କା**
- **ଦୁଇଜଣିଆ ବୋଟକୁ ୫୦**
- **ଲାଇଫ୍ ଜ୍ୟାକେଟ ଓ ସୁରକ୍ଷା କର୍ମୀ ସଜାଗ**

ବୋଟିଂ ସେବା କାର୍ଯ୍ୟକାରୀ ହୋଇଥିଲା। ବୋଟ ଘାଟ ପ୍ରବେଶ ସ୍ଥାନ ବାମ କଡ଼ରେ ଏକ ଅସ୍ଥାୟୀ ଟିକଟ କାଉଣ୍ଟର ଜରିଆରେ ପର୍ଯ୍ୟଟକମାନଙ୍କ ପାଇଁ ଟିକଟ କରିବା ବ୍ୟବସ୍ଥା କରାଯାଇଛି। ୧୨ଟି ପେଡ଼ାଲ ମରା ବୋଟ ନିୟୋଜିତ ହୋଇଛି। ଆଜି ୪ ଜଣିଆ ବସି ପାରୁଥିବା ବୋଟ ପାଇଁ ୧୩ ଟି ଓ ୨ଜଣିଆ ବସି ପାରୁଥିବା ବୋଟ ପାଇଁ ୨୩ଟି ଟିକେଟ କଟା ଯାଇଛି। ଚାରି ଜଣିଆ ବୋଟ ପାଇଁ ଟିକେଟ ମୂଲ୍ୟ ୧୦୦ଟଙ୍କା ଓ ୨ଜଣିଆ ବୋଟ ପାଇଁ ଟିକଟ ମୂଲ୍ୟ ୫୦ଟଙ୍କା ରଖାଯାଇଛି। ଥରକେ ୨୦ମିନିଟ ପର୍ଯ୍ୟନ୍ତ ଲୋକେ କାଞ୍ଜିଆ ହ୍ରଦରେ ବୋଟିଙ୍ଗ କରିପାରିବେ। ୬ଟି ୪ଜଣିଆ ଓ ୬ଟି ୨ଜଣିଆ ବସି ପାରୁଥିବା ବୋଟ ବ୍ୟବସ୍ଥା ହୋଇଛି। ଆଗକୁ ଏହାର ସଂଖ୍ୟା ବଢ଼ି ପାରେ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପ୍ରକାଶ ଥାଉ କି ଗତ ୨୦୨୪ ମସିହା ଅଗଷ୍ଟ ୭ ତାରିଖରୁ ବୋଟିଂ ସେବା ବନ୍ଦ ଥିଲା। ବହୁ ପର୍ଯ୍ୟଟକ ବୋଟିଂ ସେବା ନ ପାଇ ନିରାଶ ହୋଇ ଫେରୁଥିଲେ। ଶୁକ୍ରବାର ଅପରାହ୍ଣରେ ବୋଟିଂ ପାଇଁ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଲାଇଫ ଜ୍ୟାକେଟ, ଡକାବାଜି ଯନ୍ତ୍ର, ରେସ୍କୁ ବୋଟ ସହ ଅଭିଜ୍ଞ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି।

ପ୍ରକାଶ ଥାଉ କି ଶୁକ୍ରବାର ନନ୍ଦନକାନନରେ ୨୯ ହଜାର ୬୦, ଉଦ୍ଭିଦ ଉଦ୍ୟାନରେ ୯୮୨ଜଣ ପର୍ଯ୍ୟଟକ ବୁଲିଥିବା ଜଣାପଡ଼ିଛି।

### ଘଣ୍ଟାଏ ଓପିଡି ବନ୍ଦ କଲେ ଡାକ୍ତର

# କ୍ୟାପିଟାଲ୍ ହସ୍ପିଟାଲରେ ରୋଗୀଙ୍କ ଲମ୍ବାଧାଡ଼ି

ଭୁବନେଶ୍ୱର, ୨୬।୧୨(ସମିସ): ପଦୋନ୍ନତି, କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା, ଦରମା ବୃଦ୍ଧି, ପଦବୀ ପୂରଣ ଭଳି ୧୦ ଦଫା ଦାବି ନେଇ ଓମସା ପକ୍ଷରୁ ସରକାରୀ ଡାକ୍ତରଖାନାରେ ସକାଳ ୧୦ ଟାରୁ ୧୧ଟା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଉଛି। ଫଳରେ ଏହାଦ୍ୱାରା ହଜାର ହଜାର ରୋଗୀ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଓପିଡି ବନ୍ଦ ପାଇଁ କ୍ୟାପିଟାଲ ହସ୍ପିଟାଲରେ ଗୁରୁବାର ରୋଗୀମାନେ ଘଣ୍ଟାଏ କାଳ ଅପେକ୍ଷା କରି ବସି ରହିଥିଲେ।



ଦୁଇ ଦିନ ତଳେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଓମ୍‌ସା ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର ରହିଥିବା ଦାବିକୁ ସମ୍ମାନ ଜଣାଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଯେ, ସମସ୍ୟାର ସମାଧାନ ପାଇଁ ଏକ କମିଟି ଗଠନ କରାଯିବ। କମିଟି ଦାବିଗୁଡିକର ଅନୁଧ୍ୟାନ କରି ସକରାତ୍ମକ ପଦକ୍ଷେପ ଗ୍ରହଣ କରାଯିବ। ଲୋକଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ସଂଘ ଯେଉଁ ଆନ୍‌ଦୋଳନ ଡାକରା ଦେଇଛି। ସେଥିରୁ ନିବୃତ୍ତ ରହିବା ଲାଗି ଅନୁରୋଧ କରିଥିଲେ ସ୍ୱାସ୍ଥ୍ୟମନ୍ତ୍ରୀ। ସେପଟେ ଓମ୍‌ସା ପକ୍ଷରୁ କୁହାଯାଇଛି ଯେ, ନଭେମ୍ବର ୧୯ ତାରିଖରେ କମିଟି ଗଠନ ହେବାର ନିଷ୍ପତ୍ତି ହୋଇଥିଲେ ହେଲେ ଏଯାଏଁ ଏହା ଉପରେ କୌଣସି ନିଷ୍ପତ୍ତି ହୋଇନାହିଁ। ତେଣୁ ଓମ୍‌ସା କର୍ମକର୍ତ୍ତା ଅସନ୍ତୋଷ ପ୍ରକାଶ କରିଛନ୍ତି। ଦାବି ପୂରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୈଣସି ପ୍ରତିଶ୍ରୁତି ଦିଆଯାଇନାହିଁ। ଲେବଲ ୧୫ ଉଚ୍ଛେଦ ଓ ପିଜି ଇନ୍‌ସେନ୍‌ଟିଭ୍ ବୃଦ୍ଧି ପାଇଁ ସଂଘ ଦାବି କରିଥିଲେ ହେଲେ ଏହା ଉପରେ କୈଣସି ପଦକ୍ଷେ ନିଆଯାଇନାହିଁ।

ଚିକିତ୍ସା ପାଇଁ ଶହ ଶହ ରୋଗୀ ଆସିଥିବା ବେଳେ ଡାକ୍ତରମାନେ ଚିକିତ୍ସା କରିଛନ୍ତି। ଓମ୍‌ସା ଆନ୍ଦୋଳନ ରାଗୀଙ୍କ ଚିକିତ୍ସା ଉପରେ କୌଣସି ପ୍ରଭାବ ପକାଇ ନାହିଁ ବୋଲି କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ରୂପ ଭାନୁ ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ଓମସା ସଭାପତି ଡା. କିଶୋରଚନ୍ଦ୍ର ମିଶ୍ର କହିଛନ୍ତି ସରକାର କେବଳ ମୌଖିକଭାବେ ପ୍ରତିଶ୍ରୁତି ଦେଉଛନ୍ତି, ହେଲେ ଦାବି ପୂରଣ କରୁନାହାନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ ତୁରନ୍ତ ନିଷ୍ପତ୍ତି ନନେଲେ ଓମସା ବୈଠକ କରି ପ୍ରତିବାଦ ତୀବ୍ରତର କରିବ। ଏଥିପାଇଁ ସରକାର ଦାୟୀ ରହିବେ।

## ମୋବାଇଲ୍ ନମ୍ବର ନ ଦେବାରୁ ଯୁବତୀଙ୍କୁ ଆକ୍ରମଣ ଓ ଅସଦାଚରଣ

ଭୁବନେଶ୍ୱର, ୨୬।୧୨(ସମିସ): ରବି ଟକିଜ୍ ଛକରେ ରାସ୍ତାରେ ଯାଉଥିବା ଜଣେ ଯୁବତୀଙ୍କୁ ଆକ୍ରମଣ ପରେ ଅସଦାଚରଣ ହୋଇଥିବା ଅଭିଯୋଗ ହୋଇଛି। ତେବେ ଫୋନ୍ ନମ୍ବର ନ ଦେବାକୁ ମନା କରିବାରୁ ଏଭଳି ଆକ୍ରମଣ କରାଯାଇଛି। ଏନେଇ ଶ୍ରୀଲିଙ୍ଗରାଜ ଥାନାରେ ଯୁବତୀ ଜଣଙ୍କ ଅଭିଯୋଗ କରିଛନ୍ତି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ମୁତାବକ, ଯୁବତୀ ଜଣଙ୍କ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ସେ କାମ ସାରି ଘରକୁ ଫେରୁଥିଲେ। ଏହି ସମୟରେ ଜଣେ ଯୁବକ ଏକ ବାଇକ୍‌ରେ ଆସି ତାଙ୍କୁ ଅଟକାଇ ଥିଲେ। ପ୍ରଥମେ କମେଣ୍ଟ ମାରିଥିଲେ। ପରେ ଫୋନ୍ ନମ୍ବର ମାଗିଥିଲେ। ହେଲେ ଯୁବତୀ ଜଣଙ୍କ ଫୋନ୍ ନମ୍ବର ଦେବାକୁ ମନା କରିବାରୁ ତାଙ୍କୁ ଆକ୍ରମଣ କରି ଅସଦାରଣ କରିଥିଲେ। ଆକ୍ରମଣର ଶିକାର ହୋଇଥିବା ଯୁବତୀ ଜଣଙ୍କ ହସ୍ପିଟାଲରେ ଚିକିତ୍ସିତ ହୋଉଛନ୍ତି।

## ନିଶାମୁକ୍ତ ସମାଜ ଗଠନ ଉପରେ ଆଲୋଚନା

ଭୁବନେଶ୍ୱର, ୨୬।୧୨(ସମିସ): ରାଜ୍ୟସ୍ତରୀୟ କୋଡେସନ୍ ଏଜେନ୍ସି (ଏସଏଲସିଏ) ତରଫରୁ ନିଶା ମୁକ୍ତ ସମାଜ ଗଠନ ସମ୍ଭବ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ ନିଶାର ହବ୍ ପାଲଟିଥିବା ରାଜଧାନୀରେ ଯୁବପିଢ଼ି ମାନେ ନିଶା ସେବନ କରି କିଭଳି ଜୀବନକୁ ନଷ୍ଟ କରୁଛନ୍ତି ଏବଂ ନିଶାରୁ କିପରି ଦୂରେଇ ରହିବା ଆଦି ଉପରେ ବକ୍ତାମାନେ ଆଲୋଚନା କରିଥିଲେ। ଏଦିଗରେ ସରକାରଙ୍କ ନିୟମ, ଆଇନ ବ୍ୟବସ୍ଥା, ପୁଲିସ ପ୍ରଶାସନର ଦାୟିତ୍ୱ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାସହ ସମାଜରେ ସାମ୍ବାଦିକ ମାନଙ୍କ ଭୂମିକା ଉପରେ ମଧ୍ୟ ଏକ ପର୍ଯ୍ୟାୟରେ ଆଲୋଚନା ହୋଇଥିଲା। ଏଥିରେ ବରାଜନେତା, ସାମ୍ବାଦିକ, ପୁଲିସ ଅଧିକାରୀମାନେ ଅଂଶଗ୍ରହଣ କରି ଓଡ଼ିଶା କିପରି ନିଶା କବଳରୁ ମୁକ୍ତ ହେବ ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିବା ସହ ନିଶାମୁକ୍ତ ଭାରତ ଅଭିଯାନକୁ କିପରି ସଫଳତା ମିଳିବ ତାହା ଉପରେ ଆଲୋଚନା କରିଥିଲେ।

### ଆବର୍ଜନାରୁ ଆକର୍ଷଣ

# ରାଜଧାନୀରେ ପ୍ରଥମ ୱେଷ୍ଟ ଟୁ ୱେଲ୍‌ଥ ସ୍କିଲ୍ ପାର୍କ

ଭୁବନେଶ୍ୱର, ୨୬।୧୨(ସମିସ): ଦୈନନ୍ଦିନ ଜୀବନରେ ଅନେକ ସାମଗ୍ରୀକୁ ବ୍ୟବହାର କରିବା ପରେ ଅଦରକାରୀ ଭାବି ଫୋପାଡ଼ି ଦେଉଥିବା। ହେଲେ ଫୋପାଡ଼ି ଦେଉଥିବା ଏହି ଅଦରକାରୀ ସାମଗ୍ରୀରୁ ଯେ ଆକର୍ଷଣୀୟ କଳାକୃତି ତିଆରି ହୋଇ ପାର୍କରେ ପରିଣତ ହୋଇପାରେ ଏହା କେହି କେବେ ଭାବନ୍ତି ନାହିଁ। ଏହିପରି ପରିତ୍ୟକ୍ତ ସାମଗ୍ରୀକୁ ନେଇ ଯେଉଁ କଳାକୃତି ତିଆରି ହୋଇଛି ଏହାକୁ ରାସ୍ତାରେ ଯାଉଥିବା ଲୋକେ ମଧ୍ୟ ଘଡ଼ିଏ ଠିଆ ହୋଇ ଦେଖୁଛନ୍ତି।

ରାଜଧାନୀର ସରକାରୀ ପଲିଟେକନିକ୍ କଲେଜ ପରିସରରେ ଛାତ୍ରଛାତ୍ରୀମାନେ ବର୍ଜ୍ୟବସ୍ତୁରୁ ବିଭିନ୍ନ ପ୍ରକାରର ସୌନ୍ଦର୍ଯ୍ୟକରଣ ସାମଗ୍ରୀ ତିଆରି କରିଛନ୍ତି। ବିଶେଷକରି ଭଙ୍ଗା କ୍ରାଙ୍କ, ପୁରୁଣା ଟାୟାର, ପ୍ଲାଷ୍ଟିକ୍ ବୋତଲ, ଲୁହାଛଡ଼, ବୋତଲର ଠିପି, ଭଙ୍ଗା ମଦର୍ ବୋର୍ଡ, ପିସି, ଅଟୋମୋବାଇଲ୍‌ସ ସ୍କ୍ରାପିସ୍, ବାଥରୁମ୍ ବ୍ୟବହୃତ ହେଉଥିବା ଟିଣ କବାଟ ଆଦିକୁ ନେଇ ଏକ ଆକର୍ଷଣୀୟ କଳାକୃତି ତିଆରି କରିଛନ୍ତି।



୫ ହଜାର ସ୍କୋୟାର ଫୁଟ ସ୍ଥାନରେ ଏହି ୱେଷ୍ଟ ବା ଅଦରକାରୀ ସାମଗ୍ରୀରେ ଗଣେଶ, ଜିରାଫ୍, ଭାରତ ମାନଚିତ୍ର, ସହିତ ବିଭିନ୍ନ ପ୍ରକାରର ପଶୁପକ୍ଷୀ, ରୋବଟ୍, ଗିଟାର, ମାଛ, ପାଣି ଟ୍ୟାବ୍, ମହାତ୍ମାଗାନ୍ଧୀ ସହିତ ଯୁଦ୍ଧ ଟ୍ୟାଙ୍କ ଭଳି ୨୦ରୁ ଅଧିକ ସାମଗ୍ରୀ ତିଆରି ହୋଇଛି। ଏଥିସହିତ ଏହି ସ୍କିଲ୍ ପାର୍କରେ ଏହି ସବୁ କଳାକୃତି ମଧ୍ୟରେ ଅଟମୋବାଇଲସ୍ ଖଞ୍ଜା ଯିବା ସହ କିଛି ଖଞ୍ଜା ଯାଇଛି। ବର୍ତ୍ତମାନ ଗଣେଶଙ୍କ ଦେହରେ ଅଟୋମୋବାଇଲସ୍ ଲାଗିଛି। ଏଥିରେ ଗଣେଶ ମୂର୍ତ୍ତିରେ ଗୀତ ବାଜୁଛି। ଆଗକୁ ହାତୀ ପାଣି ଫୋପାଡୁଥିବାର ଦୃଶ୍ୟ ଦେଖିବାକୁ ମିଳିବା ସହିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ରଘୁପତି ରାଘବ ରାଜାରାମ ଶୁଣିବାକୁ ମିଳିବ। ଏହି ସବୁକୁ ତିଆରି କରିବା ପାଇଁ ୨ରୁ ୩ ମାସ ଲାଗିଥିଲା। ଜାନୁଆରୀ ମାସର ପ୍ରଥମ ସପ୍ତାହ ସୁଦ୍ଧା ଏହି ସ୍କିଲ୍ ପାର୍କର କାମ ଶେଷ ସହିତ ଉଦ୍‌ଘାଟନ ହୋଇଯିବ ବୋଲି ଅନୁଷ୍ଠାନ ପକ୍ଷରୁ ଆଶା କରାଯାଉଛି। ପରେ ସାଧାରଣ ଲୋକମାନେ ଏହି ପାର୍କକୁ ବୁଲିବାକୁ ଆସିପାରିବେ। ଏଠାରେ ମୁଖ୍ୟ କଥା ହେଉଛି ଦୁଇ ଦିନ ତଳେ ଏହି ପାର୍କ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ ସ୍ଥାନ ପାଇଛି।

ଆଗକୁ ଏହି ସ୍କିଲ୍ ପାର୍କ ଏସିଆ ବୁକ୍ ଅଫ୍ ରେକର୍ଡ଼ରେ ସ୍ଥାନ ପାଇବାକୁ ଯୋଜନା ରଖାଯାଇଛି। ପାର୍କଟି ସମ୍ପୂର୍ଣ୍ଣ ହୋଇଗଲେ ସାଧାରଣ ଲୋକମାନେ ବୁଲି ଆସିବେ। ବିଶେଷକରି ଛୋଟ ଛୁଆମାନେ ଏହି ସ୍କିଲ୍ ପାର୍କକୁ ଦେଖି ସେମାନେ ମଧ୍ୟ ଅଦରକାରୀ ପଦର୍ଥରୁ ବିଭିନ୍ନ କଳାକୃତି ତିଆରି କରିବା ପାଇଁ ପ୍ରେରଣା ପଇବେ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ରଜତ ପାଣିଗ୍ରାହୀ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଅନୁଷ୍ଠାନ ସହିତ ଛାତ୍ରଛାତ୍ରୀଙ୍କ ପାଇଁ ଏହା ଏକ ଗୌରବର କଥା। ଆଗକୁ ଛାତ୍ରଛାତ୍ରୀଙ୍କ ପାଇଁ ଭଲ କ୍ୟାମ୍ପସ ଆସିବା ସହ ସେମାନଙ୍କ ଭବିଷ୍ୟତ ଉଜ୍ୱଳ ହେବ ବୋଲି ସେ କହିଛନ୍ତି।



